# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**10 April - 2026**

*********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

— ୫ଟି ବିଭାଗର ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ

- ୨୦୨୭ ପଞ୍ଚାୟତ ନିର୍ବାଚନରେ ଆସନ ସଂରକ୍ଷଣ କରିବାକୁ ଜିଲ୍ଲାପାଳମାନଙ୍କୁ ପଞ୍ଚାୟତିରାଜ ବିଭାଗର ଚିଠି

- 'ନୀରୋଗ ସ୍ୱାସ୍ଥ୍ୟ ପାଇଁ ହୋମିଓପାଥି'ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି 'ବିଶ୍ୱ ହୋମିଓପାଥି ଦିବସ'

ଏବଂ

- ରାଜ୍ୟରେ ଆଜିଠାରୁ ଆରମ୍ଭ ହେଉଛି 'ସିଏମ୍ ଟ୍ରଫି-୨.୦ ଆନ୍ତଃଜିଲ୍ଲା ପ୍ରତିଯୋଗିତା

— ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଉଦ୍‌ଯାପିତ ହେଉଛି-ଜାତୀୟ ବିଦ୍ୟାଳୟ ସମୂହ ୧୪ ବର୍ଷରୁ କମ୍ ରଗ୍‌ବୀ ଚାମ୍ପିଅନ୍‌ସିପ୍

## କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୫ଟି ବିଭାଗର ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

**- V/O –**

୩ ହଜାର ୪୦୦ କୋଟିର ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାକୁ କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। ବୈଠକରେ ପାର୍ବତୀ ଗିରି ମେଗା ଜଳ ପ୍ରକଳ୍ପକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ନେଇ ବୈଠକ ପରେ ମୁଖ୍ୟ ଶାସନ ସଚିବ **ଅନୁ ଗର୍ଗ** ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି.....

**- V/O –**

## ଆସନ ସଂରକ୍ଷଣ

ଆସନ୍ତା ୨୦୨୭ ପଞ୍ଚାୟତ ନିର୍ବାଚନରେ ଆସନ ସଂରକ୍ଷଣ କରିବା ପାଇଁ ପଂଚାୟତିରାଜ ବିଭାଗ ପକ୍ଷରୁ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖାଯାଇଛି। ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟଙ୍କ ଆସନ ସଂରକ୍ଷଣ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତମାସ ଶେଷ ସୁଦ୍ଧା ନିର୍ବାଚନ କମିଶନଙ୍କୁ ଚୂଡାନ୍ତ ରିପୋର୍ଟ ପ୍ରଦାନ କରିବାକୁ ଚିଠିରେ ଉଲ୍ଲେଖ ରହିଛି। ୱାର୍ଡମେମ୍ବର, ସରପଞ୍ଚ ଓ ସମିତି ସଭ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ମଧ୍ୟରେ ଅଭିଯୋଗ,

ଆବେଦନ ଏବଂ ୨୪ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରି ୨୯ ତାରିଖ ସୁଦ୍ଧା ଚୂଡାନ୍ତ ସଂରକ୍ଷଣ ତାଲିକା ଜଣାଇବାକୁ କୁହାଯାଇଛି। ସେହିଭଳି ଜିଲ୍ଲା ପରିଷଦ ସଦସ୍ୟର ସମସ୍ତ ପ୍ରକ୍ରିୟାକୁ ଶେଷ କରି ୩୦ ତାରିଖ ସୁଦ୍ଧା ଜଣାଇବାକୁ ନିର୍ଦ୍ଦେଶ ରହିଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷ ପାଇଁ ଆସନ୍ତା ସୋମବାର ଚିଠା ବିଜ୍ଞପ୍ତି ଏବଂ ୨୯ ତାରିଖରେ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ। ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ, ମହିଳାଙ୍କ ପାଇଁ ୫୦ ପ୍ରତିଶତ ଓ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ରହିବ।

## ମେଟ୍ରୋ ପ୍ରକଳ୍ପ

ରାଜ୍ୟ କ୍ୟାବିନେଟ୍ ବୈଠକରେ ହୋଇଥିବା ପ୍ରସ୍ତାବିତ ମେଟ୍ରୋ ରେଳ ପ୍ରକଳ୍ପ ସ୍ଥଗିତ ନିଷ୍ପତ୍ତି ଉପରେ ପୁନର୍ବିଚାର କରିବାକୁ ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଶ୍ରୀମତୀ ଷଡଙ୍ଗୀ କହିଛନ୍ତି, ଏହି ପ୍ରକଳ୍ପ ଭୁବନେଶ୍ୱର ସମେତ ଯାଆଁଳା, କଟକ, ଜଟଣୀ ଏବଂ ଖୋର୍ଦ୍ଧା ସହିତ ସଂଯୋଗକୁ ଉନ୍ନତ କରିବ। ଏହା ଆଧୁନିକ ପରିବହନ ବ୍ୟବସ୍ଥା ପର୍ଯ୍ୟଟନକୁ ବଢ଼ାଇବା, ନିବେଶ ଆକର୍ଷଣ କରିବା ଏବଂ ସହରର ଚିତ୍ରକୁ ଉନ୍ନତ କରିବାରେ ସହାର୍ଯ୍ୟ କରିବ। ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ନଗର ଉନ୍ନୟନ ମନ୍ତ୍ରୀ  କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ବାତିଲ ହୋଇନାହିଁ; ଏହାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ମେଟ୍ରୋ ପ୍ରକଳ୍ପ ପ୍ରସଙ୍ଗ ମୁଖ୍ୟମନ୍ତ୍ରୀଙ୍କ

ବିଚାରାଧୀନ ରହିଛି। ଏଥିପାଇଁ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ମଧ୍ୟ ଗଠନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି...

## - V/O –

## ସ୍କୁଲ ପୋଷାକ

ରାଜ୍ୟର ସମସ୍ତ ସ୍କୁଲରେ ଆସନ୍ତା ୨୭ ତାରିଖ ସୁଦ୍ଧା ପୋଷାକ ବଣ୍ଟନ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଏ ନେଇ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଆସନ୍ତା ରବିବାର ସୁଦ୍ଧା ସଂସ୍ଥା ଚୟନ କରାଯାଇ କାର୍ଯ୍ୟାଦ୍ଦେଶ ବଣ୍ଟନ କରାଯିବ। ଅଭିଯୋଗ ଥିଲେ ପୂର୍ବରୁ କାର୍ଯ୍ୟାଦ୍ଦେଶ ପାଇଥିବା ସଂସ୍ଥାଙ୍କୁ ଏଥିରୁ ବାଦ୍ ଦିଆଯିବ। ଯେଉଁମାନଙ୍କ ନାମରେ ଅଭିଯୋଗ ନାହିଁ, ସେମାନଙ୍କ ଦାୟିତ୍ୱ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି।

## ବିଶ୍ୱ ହୋମିଓପାଥି ଦିବସ

ଚିକିତ୍ସା କ୍ଷେତ୍ରରେ ବିକଳ୍ପ ପଦ୍ଧତି ଭାବେ ହୋମିଓପାଥିର ବ୍ୟବହାର ବିଶ୍ୱରେ ଆଦୃତ ହେବାରେ ଲାଗିଛି। ବିଶ୍ୱର ୮୦ରୁ ଅଧିକ ଦେଶରେ ଏହି ଚିକିତ୍ସା ବ୍ୟବସ୍ଥାକୁ ଗ୍ରହଣ କରାଯାଇଛି। ଲୋକମାନଙ୍କ ମଧ୍ୟରେ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଆଜି ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନ କରାଯାଉଛି।

ହୋମିଓପାଥି ଚିକିତ୍ସାର ଜନକ ଡାକ୍ତର ସାମୁଏଲ ହାନିମ୍ୟାନଙ୍କର ଜନ୍ମଦିନ ଏପ୍ରିଲ ମାସ ୧୦ତାରିଖ ଅର୍ଥାତ୍ ଆଜିକୁ ଏହି ଦିବସ ଭାବେ ପାଳନ

କରାଯାଉଛି ।  **ଚଳିତବର୍ଷର ହୋମିଓପ୍ୟାଥି ଦିବସର ବାର୍ତ୍ତା ହେଉଛି 'ନିରୋଗ ସ୍ୱାସ୍ଥ୍ୟପାଇଁ ହୋମିଓପ୍ୟାଥି'** । ପକ୍ଷଘାତ, ମାନସିକ ରୋଗ ଏବଂ ଜୀବନଶୈଳୀ ସହ ଜଡିତ ଉଚ୍ଚ ରକ୍ତଚାପଠାରୁ ଆରମ୍ଭ କରି ମଧୁମେହ, ଗ୍ୟାଷ୍ଟ୍ରିକ, ସ୍ନାୟୁରୋଗ ପର୍ଯ୍ୟନ୍ତ ହୋମିଓପ୍ୟାଥି ଚିକିତ୍ସାରେ ସୁଫଳ ମିଳିଥାଏ ।

ଏହି ଅବସରରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ କହିଛନ୍ତି, ହୋମିଓପାଥି ଚିକିତ୍ସା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରି ଏକ ସୁସ୍ଥ ଓ ନିରୋଗ ଓଡ଼ିଶା ଗଠନ ଦିଗରେ ସରକାର ଉଦ୍ୟମ ଜାରି ରଖିଛନ୍ତି।

ହୋମିଓପାଥି ଚିକିତ୍ସା ସମ୍ପର୍କରେ ଡାକ୍ତର **ମନମୋହନ ଶାସମଲ** ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି....

**- V/O –**

**ପିଏମ୍ ରାହତ ଯୋଜନା**

କେନ୍ଦ୍ର ସରକାରଙ୍କ 'ପ୍ରଧାନମନ୍ତ୍ରୀ ରାହତ ଯୋଜନା' ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ଓଡ଼ିଶା ପୁଲିସ୍ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସମସ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏବଂ ଡିସିପିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସଡକ ଦୁର୍ଘଟଣାର ଶିକାର ହେଉଥିବା ବ୍ୟକ୍ତିଙ୍କୁ ତ୍ୱରିତ ଏବଂ ମାଗଣା ଚିକିତ୍ସା ସେବା ଯୋଗାଇଦେବା ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଏହା ଅଧୀନରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସର୍ବାଧିକ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନଗଦବିହୀନ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ସାଧାରଣ ଆହତଙ୍କ କ୍ଷେତ୍ରରେ ୨୪ ଘଣ୍ଟା ଏବଂ ଗୁରୁତର ଆହତଙ୍କ କ୍ଷେତ୍ରରେ ୪୮ ଘଣ୍ଟା ମଧ୍ୟରେ ଇଡିଆର ପ୍ଲାଟଫର୍ମରେ

ତଥ୍ୟ ଯାଞ୍ଚ ଓ ଅନୁମୋଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣା ଅନ୍ୟ କୌଣସି ଥାନା ଅଂଚଳରେ ଘଟିଥିଲେ ତିନି ଘଣ୍ଟା ମଧ୍ୟରେ କ୍ଷେତ୍ର ପରିବର୍ତ୍ତନ କରିବାକୁ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଗଣତି-ମଣତି

**ପୁରୀ** ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଗଣତି-ମଣତି ପ୍ରକ୍ରିୟା ଆଜି ତୃତୀୟ ଦିନରେ ଜାରି ରହିଛି। ସକାଳ ଧୂପନୀତି ପରେ  ଗଣତି-ମଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତକାଲି ସୁଦ୍ଧା ପ୍ରାୟ ୪୦ ପ୍ରକାରର ଅଳଙ୍କାର ଗଣତି ହୋଇଛି। ରତ୍ନ ଅଳଙ୍କାର, ମୋତି ମାଣିକ୍ୟର ଚିହ୍ନଟ ଏବଂ ଓଜନ ପାଇଁ ଶ୍ରୀମନ୍ଦିର ବଣିଆ ସେବକ, ରତ୍ନ ବିଶାରଦ, ଭାରତୀୟ ରିଜର୍ଭ ବ୍ୟାଙ୍କ ଅଧିକାରୀ ଉପସ୍ଥିତ ଅଛନ୍ତି। ପ୍ରତ୍ୟେକ ରତ୍ନ ଅଳଙ୍କାରର ଭିଡିଓ ଓ ଫଟୋଗ୍ରାଫି କରାଯାଉଛି। ସମ୍ପୂର୍ଣ୍ଣ ଡିଜିଟାଲ ପଦ୍ଧତିରେ ଗଣତି-ମଣତି କାର୍ଯ୍ୟ ଜାରି ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ବାହାର କାଠ ନିକଟରୁ ଭକ୍ତମାନେ ଶ୍ରୀଜୀଉଙ୍କ ଦଶନ କରୁଛନ୍ତି।

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ପାଳନର ଦଶମ ଦିନ ଲୋକକଳାକୁ ସମର୍ପିତ କରାଯାଇଛି। ଲୋକକଳା ହେଉଛି ସଭ୍ୟତାର ଉତ୍କୃଷ୍ଟ ନିଦର୍ଶନ। ରାଜ୍ୟର ପ୍ରତିଭାବାନ୍ କଳାକାର ଓ ସେମାନଙ୍କର ଅନନ୍ୟ ସୃଜନଶୀଳତାକୁ ସମ୍ମାନ ଜଣାଇ ଆଜି ଏହି ଦିବସ ପାଳନ କରାଯାଉଛି। ଓଡ଼ିଶାର ଅମୂଲ୍ୟ ଲୋକକଳା ପରମ୍ପରାକୁ ସୁରକ୍ଷିତ ରଖିବା ଏବଂ ଏହାର ପ୍ରଚାର-ପ୍ରସାରରେ ସହଯୋଗ କରିବା ପାଇଁ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି।

"ଲୋକକଳାପାଇଁ ଦିନଟିଏ" ରାଜ୍ୟସ୍ତରୀୟ ଉତ୍ସବ ପିପିଲଠାରେ ପାଳନ କରାଯିବ । ପୂର୍ବତନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅପରାହ୍ଣରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୮୦ଟି ସାଂସ୍କୃତିକ ଦଳ ଓ ୮ ଶହରୁ ଊର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିବେ ।

ରାଜ୍ୟର ବିଭିନ୍ନ ସ୍ଥାନରେ 'ଲୋକକଳାପାଇଁ ଦିନଟିଏ' କାର୍ଯ୍ୟକ୍ରମ ପାଳନ କରାଯାଉଛି। **ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

**କଳାହାଣ୍ଡି** ଜିଲ୍ଲା ଜୁନାଗଡ଼ ବ୍ଲକ୍ ଛୁରିଆଗଡ଼ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଯୋଗଦେଇ ହଜିଯାଉଥିବା କଳାଗୁଡ଼ିକୁ ପୁନରୁଦ୍ଧାର କରିବା ପାଇଁ ଏହା ଏକ ଅନନ୍ୟ ପ୍ରୟାସ ବୋଲି ମତ ଦେଇଛନ୍ତି।

## ବାଲ୍ୟବିବାହ ନିଷେଧ

ରାଜ୍ୟରେ ବାଲ୍ୟବିବାହ ନିଷେଧ ଆଇନ୍ ୨୦୦୬କୁ କଡ଼ାକଡ଼ି ପାଳନ ନେଇ ଜାତୀୟ ଶିଶୁ ସୁରକ୍ଷା ଆୟୋଗ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ଜିଲ୍ଲାପାଳମାନଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଗ୍ରାମପଞ୍ଚାୟତ, ବ୍ଲକ୍ ଏବଂ ଜିଲ୍ଲାସ୍ତରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ପୁଲିସ୍ ଏବଂ ଧର୍ମଗୁରୁମାନଙ୍କ ସହିତ ସ୍ୱତନ୍ତ୍ର ବୈଠକ, ବିବାହ କାର୍ଯ୍ୟରେ ଜଡ଼ିତ ସେବା, ଟେଣ୍ଟ ମାଲିକ ଏବଂ ଅନ୍ୟମାନଙ୍କୁ ବାଲିବିବାହକୁ ପ୍ରୋତ୍ସାହିତ ନ କରିବାକୁ ନିର୍ଦ୍ଦେଶ

ଦିଆଯାଇଛି। ସ୍କୁଲ ଛାଡିଥିବା ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ କୁହାଯାଇଛି। ପିଲାମାନଙ୍କ ପିତାମାତାଙ୍କୁ ବାଲ୍ୟବିବାହ ସମ୍ପର୍କରେ ସଚେତନ କରିବାକୁ ଚିଠିରେ ଉଲ୍ଲେଖ ରହିଛି।

## ୱାଚ୍‌ଟାୱାର

**କନ୍ଧମାଳ** ଜିଲ୍ଲା ଖଜୁରୀପଡା ବ୍ଲକ୍ ଗଡିଆପଡା ଘାଟିରେ ବନବିଭାଗ ପକ୍ଷରୁ ଏକ ୱାଚ୍‌ଟାୱାର ନିର୍ମାଣ କରାଯାଇଛି। ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ଟାୱାର ମାଧ୍ୟମରେ ବନ୍ୟପ୍ରାଣୀଙ୍କ ଗତିବିଧି ଉପରେ ଦୃଷ୍ଟି ରଖାଯାଇ ପାରିବ ବୋଲି ବନଖଣ୍ଡ ଅଧିକାରୀ କହିଛନ୍ତି।

## ସିଏମ୍ ଟ୍ରଫି

ରାଜ୍ୟରେ ସିଏମ୍ ଟ୍ରଫି-୨.୦ ଆନୁକୂଲ୍ୟରେ ଆନ୍ତଃ ଜିଲ୍ଲା ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହେଉଛି। ଫୁଟବଲ୍, ଖୋଖୋ, ଭଲିବଲ୍ ଓ କବାଡି ଭଳି ଖେଳରେ ତୃଣମୂଳସ୍ତରରୁ ପ୍ରତିଭା ଚୟନକୁ ସିଏମ୍ ଟ୍ରଫି ମାଧ୍ୟମରେ ଉତ୍ସାହିତ କରାଯାଉଛି। ଚଳିତବର୍ଷ ବିଷୟବସ୍ତୁ ରହିଛି। 'ପ୍ରତିଭା ଅନେକ, ଲକ୍ଷ୍ୟ ଏକ - ପଡିଆରୁ ପୋଡିୟମ୍ ପର୍ଯ୍ୟନ୍ତ ଯାତ୍ରା'। କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ଅବସରରେ ସମସ୍ତ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

## ରଗ୍‌ବୀ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୪ ବର୍ଷରୁ କମ୍ ବାଳକ-ବାଳିକା ବର୍ଗର ରଗ୍‌ବୀ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ ହେବ। ଅପରାହ୍ଣରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ

ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଚାମ୍ପିଅନ୍‌ସିପ୍‌ରେ ଦେଶର ୧୪ଟି ରାଜ୍ୟରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଯୁବ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ଏବଂ ତୃଣମୂଳସ୍ତରରେ ଖେଳକୁ ପହଞ୍ଚାଇବା  ଏହି ପ୍ରତିଯୋଗିତା ମୂଳ ଲକ୍ଷ୍ୟ।